**ଇଣ୍ଡିଆ-ସେଣ୍ଟ୍ରାଲ୍ ଏସିଆ ଡାଇଲଗ୍ ର ଚତୁର୍ଥ (4th) ବୈଠକ**

ଜୁନ୍ 04, 2025

ଭାରତର ବିଦେଶ ମନ୍ତ୍ରୀ, ଡ. ଏସ୍. ଜୟଶଙ୍କର 6 ଜୁନ୍ 2025 ରେ ନୂଆଦିଲ୍ଲୀରେ ଇଣ୍ଡିଆ-ସେଣ୍ଟ୍ରାଲ ଏସିଆ ଡାଇଲଗ୍ ର ଚତୁର୍ଥ (4th) ବୈଠକ ପାଇଁ ରିପବ୍ଲିକ୍ ଅଫ୍ କାଜାଖସ୍ତାନ, କିର୍ଗିଜ୍ ରିପବ୍ଲିକ୍, ରିପବ୍ଲିକ୍ ଅଫ୍ ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ରିପବ୍ଲିକ୍ ଅଫ୍ ଉଜବେକିସ୍ତାନର ବିଦେଶ ମନ୍ତ୍ରୀମାନଙ୍କୁ ଆତିଥ୍ୟ ପ୍ରଦାନ କରିବେ। ଡିସେମ୍ବର 2021 ରେ ନୂଆଦିଲ୍ଲୀରେ ଭାରତ ଦ୍ୱାରା ଡାଇଲଗ୍ ର ତୃତୀୟ (3rd) ବୈଠକର ଆୟୋଜନ କରାଯାଇଥିଲା।

2. ପରସ୍ପରର 'ବିସ୍ତାରିତ ପଡୋଶୀ' ଭାବରେ ଭାରତ ଓ ମଧ୍ୟ ଏସିଆ ମଧ୍ୟରେ ବହୁ ବର୍ଷ ଧରି ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ବିନିମୟ ଓ ଆଦାନପ୍ରଦାନ ଜରିଆରେ ଘନିଷ୍ଠ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମକାଳୀନ କୂଟନୈତିକ ସମ୍ପର୍କ ରହିଆସିଛି। ଜାନୁଆରୀ 2022 ରେ ଭର୍ଚୁଆଲ୍ ଭାବରେ ଆୟୋଜିତ ପ୍ରଥମ ଇଣ୍ଡିଆ-ସେଣ୍ଟ୍ରାଲ୍ ଏସିଆ ସମିଟ୍ ଓ ବିଦେଶ ମନ୍ତ୍ରୀମାନଙ୍କ ସ୍ତରରେ ଇଣ୍ଡିଆ-ସେଣ୍ଟ୍ରାଲ୍ ଏସିଆ ଡାଇଲଗ୍ ବ୍ୟବସ୍ଥା ଏହି ସମ୍ପର୍କକୁ ଅଧିକ ସୁଦୃଢ଼ କରିଛି।

3. ଚତୁର୍ଥ (4th) ଡାଇଲଗ୍ ରେ, 6 ଜୁନ୍ 2025 ରେ, ମନ୍ତ୍ରୀମାନେ ଭାରତ ଏବଂ ମଧ୍ୟ ଏସୀୟ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଆଲୋଚନା କରିବେ, ଯେଉଁଥିରେ ବାଣିଜ୍ୟ, ସଂଯୋଗୀକରଣ, ପ୍ରଯୁକ୍ତିବିଦ୍ୟା ଏବଂ ବିକାଶ ସହଯୋଗ ଉପରେ ବିଶେଷ ଧ୍ୟାନ ଦିଆଯିବ। ସେମାନେ ଆଞ୍ଚଳିକ ସୁରକ୍ଷା ପ୍ରତି ଥିବା ଆହ୍ୱାନ ଏବଂ ପାରସ୍ପରିକ ହିତର ଅନ୍ୟାନ୍ୟ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିବେ।

4. ବିଦେଶ ମନ୍ତ୍ରୀମାନେ ମଧ୍ୟ FICCI ସହଯୋଗରେ ବିଦେଶ ମନ୍ତ୍ରଣାଳୟ ଦ୍ୱାରା 5 ଜୁନ୍ 2025 ରେ ଆୟୋଜିତ ହେବାକୁ ଥିବା ଇଣ୍ଡିଆ-ସେଣ୍ଟ୍ରାଲ ଏସିଆ ବିଜନେସ କାଉନସିଲ୍ ବୈଠକରେ ଅଂଶଗ୍ରହଣ କରିବେ।

5. ଇଣ୍ଡିଆ-ସେଣ୍ଟ୍ରାଲ୍ ଏସିଆ ଡାଇଲଗ୍ ହେଉଛି ଭାରତ ଏବଂ ମଧ୍ୟ ଏସୀୟ ଦେଶମାନଙ୍କ ପକ୍ଷରୁ ପାରସ୍ପରିକ ଆଗ୍ରହର ଏକ ଅଭିବ୍ୟକ୍ତି, ଯାହା ସେମାନଙ୍କ ମଧ୍ୟରେ ଥିବା ବନ୍ଧୁତା, ବିଶ୍ୱାସ ଏବଂ ପାରସ୍ପରିକ ବୁଝାମଣାକୁ ଆହୁରି ଅଧିକ ଘନିଷ୍ଠ, ବ୍ୟାପକ ଏବଂ ସୁଦୃଢ଼ କରିବ।

ନୂଆଦିଲ୍ଲୀ

ଜୁନ୍ 04, 2025